ଓଡ଼ିଶା ଏକ୍ସପ୍ରେସ
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ : ବାଇକ୍‌ରେ ଶବ ବୁହାଗଲା

**ବହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ଥାନାର ଭୁତସରସିଙ୍ଗି ଗ୍ରାମରେ ବିଲରେ କାମ କରୁଥିବା ବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା । ବଜ୍ରପାତରେ ତନୁ ଗୌଡ଼ (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ପୁତ୍ର ରାଜୁ ଗୌଡ଼ ଏବଂ ଗ୍ରାମର ଆଉ ଜଣେ ଯୁବକ ବିରୁପାକ୍ଷ ମହାନ୍ତି ମଧ୍ୟ ଗୁରୁତର ହୋଇଥିଲେ । ଅପରାହ୍ନ ୩ଟା ସମୟରେ ଆହତ ଦୁଇଜଣଙ୍କୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଡକାଇ ଘଟଣାସ୍ଥଳରୁ ଦୁଇ ତିନି କିଲୋମିଟର ଦୂର ପୁରୁଷୋତ୍ତମପୁର ଡାକ୍ତରଖାନାକୁ ନ ନେଇ ଆସିକା ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ଶବକୁ ଡାକ୍ତରଖାନାକୁ ନେବା ପାଇଁ ଅପରାହ୍ନ ତିନିଟାରୁ ସନ୍ଧ୍ୟା ୫ଟା ଯାଏ ସେଠାକୁ ଆମ୍ବୁଲାନ୍ସ ଆସିନଥିଲା । ଦୀର୍ଘ ସମୟ ଶବ ବିଲ ମଧ୍ୟରେ ପଡ଼ି ରହିବା ପରେ ଦୁଇ ପୁତ୍ରରା ରୋହିତ ଓ ବୃନ୍ଦୁ ଶବକୁ ମୋଟର ସାଇକେଲରେ ପୁରୁଷୋତ୍ତମପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ । କିନ୍ତୁ ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ପୁଲିସ ଲୋକଙ୍କୁ ବୁଝା ସୁଝା କରି ନିୟନ୍ତ୍ରଣ କରିଥିଲେ । ଥାନା କେସ ନଂ. ୧୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

ସିନେମା ଫିନେମା ଟିଭି ଫିଭି

# ମୌନୀ ଏବେ ଖୁବ୍ ବ୍ୟସ୍ତ

**ଖୁ**ବ୍‌ଶୀଘ୍ର ପରଦା ଛୁଇଁବ 'ଗୋଲ୍ଡ' । ଏଥିରେ ଅକ୍ଷୟ କୁମାରଙ୍କ ସହିତ ଦେଖିବାକୁ ମିଳିବ ମୌନୀ ରାୟଙ୍କୁ । 'ଗୋଲ୍ଡ' ଏକ ବାୟୋପିକ୍ ଚଳଚ୍ଚିତ୍ର । ଭାରତୀୟ ହକି ଅଧିନାୟକ ବଲବୀର ସିଂହଙ୍କ ଜୀବନ କାହାଣୀ ହିଁ ଏ ଚଳଚ୍ଚିତ୍ରର ମୂଳ ଉତ୍ସ ।

ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହେବା ପରେ ପରେ ୧୯୪୮ ମସିହାରେ ଲଣ୍ଡନଠାରେ ଯେଉଁ ଅଲେମ୍ପିକ ହୋଇଥିଲା ସେଥିରେ ଭାରତ ହକିରେ ସ୍ୱର୍ଣ୍ଣପଦକ ଲାଭ କରିଥିଲା । ଏହା ଥିଲା ଭାରତ ପାଇଁ ଅଲେମ୍ପିକ୍‌ର ପ୍ରଥମ ସ୍ୱର୍ଣ୍ଣ । ସେଇଥର ଭାରତୀୟ ହକି ଟିମ୍‌ର ଅଧିନାୟକ ଥିଲେ ବଲବୀର ସିଂହ ।

ଲଣ୍ଡନରେ ଆରମ୍ଭ ହୋଇସାରିଛି 'ଗୋଲ୍ଡ'ର ସୁଟିଂ । ରୀମା କାଗ୍‌ତି ନିର୍ଦ୍ଦେଶନା ଦେଉଛନ୍ତି । ହଁ, ଜନ୍ ଆବ୍ରାହମ୍‌ଙ୍କ ସହ ମୌନୀଙ୍କୁ 'ରା'ରେ ମଧ୍ୟ ଦେଖିବାକୁ ମିଳିବ ।

ମୌନୀ କହିଛନ୍ତି– ଅନେକ ଦିନ ତଳୁ 'ରା' ପାଇଁ ଅଡିସନ୍ ଦେଇଥିଲି । ଏବେ ଡାକରା ଆସିଛି । ଏ ଚଳଚ୍ଚିତ୍ରରେ ଅଭିନୟ ପାଇଁ ମୁଁ ଖୁବ୍ ଉତ୍ସୁକ ଥିଲି ।

ରଣବୀର କାପୁରଙ୍କ ସହ 'ବ୍ରହ୍ମାସ୍ତ୍ର'ରେ ମଧ୍ୟ ସାମିଲ ହେବେ ମୌନୀ ।

୨୦୦୭ରେ ଏକତା କାପୁରଙ୍କ ମେଗା ଟିଭି ଧାରାବାହିକ 'କ୍ୟୁଁ କି ଶାଶ ଭି କଭି ବୋହୁଥି'ରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ମୌନୀ ।

ମୌନୀ କଲିଉଡ୍‌କୁ ଆସନ୍ତି ରବି ଗ୍ରେୱାଲ ନିର୍ଦ୍ଦେଶିତ 'ର' ଚଳଚ୍ଚିତ୍ରରେ । ସାଥୀରେ ଥିଲେ ଜନ୍ ଆବ୍ରାହମ୍ । ତା'ପରେ ତାଙ୍କୁ ଦେଖିବାକୁ ମିଳିଥିଲା 'ରନ୍' ଚଳଚ୍ଚିତ୍ରରେ । ବଡ ପରଦାରେ ମୌନୀଙ୍କ ଅଭିନୟକୁ ନେଇ ସେତେଟା ଚର୍ଚ୍ଚା ହୋଇନି । 'ଗୋଲ୍ଡ' ତାଙ୍କୁ ନୂଆ ପରିଚୟ ଦେଇପାରେ ।





କଥା କିଛି କାର୍ଟୁନ୍‌ଟିଏ
ହୀରାଲାଲ୍

ତାତିଆରେ ବେଲି ଦହି
ନୀତି ପ୍ରତି ବାସି ପିଲ୍ଲିବା ପାଇଁ
ଧୋବଣୀ ସାଙ୍ଗରେ ସହି ।

# ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି ଏକ୍ସପ୍ରେସ୍ ନ୍ୟୁଜ୍**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପରିତା ପେଟ୍ରୋଲ ପମ୍ପ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଅଜଣା ୪୦୭ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଟିକୁ ପୁଲିସ ଜବତ କରିଛି । ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ଦେସିଙ୍ଗା ଗ୍ରାମର ଶଙ୍କର୍ଷଣ ବିଶ୍ୱାଳଙ୍କ ପୁଅ ନିରାକାର(୩୫) କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଟାଟା ଷ୍ଟିଲରେ ଡିୟୁଟି କରିବାକୁ ତାଙ୍କ ବାଇକରେ ଯାଉଥିବାବେଳେ ବାଲିଚନ୍ଦ୍ରପୁର ପରିତା ପେଟ୍ରୋଲପମ୍ପ ନିକଟରେ ଏକ ୪୦୭ ରଙ୍ଗରୁଟରେ ଯାଇ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ରାସ୍ତା କଡରେ ଗୁରୁତର ଭାବେ ଆହତ ହୋଇ ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ହେଲେ ଦୁର୍ଘଟଣା ଘଟାଇଥିବା ୪୦୭ଟି ଫେରାର ହୋଇଯାଇଥିଲେ ।



କଟକ : ବାଦାମବାଡ଼ି ଗଣେଶ ମନ୍ଦିର ସମ୍ମୁଖରେ ଉତ୍କଳସେବକ ସମାଜ ପକ୍ଷରୁ ଗଣମାଧ୍ୟମକୁ ସୁରକ୍ଷା ଦେବା ଦାବିରେ ଶାନ୍ତି ପ୍ରତିବାଦ

# ତାପମାତ୍ରା ୪୦ ଟପିଲା : ଅସହ୍ୟ ତାତି ସହି ହେଉନି

**ଭଦ୍ରକ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରବାହରେ ଜନ ଜୀବନ ଅତିଷ୍ଠ ହୋଇପଡୁଛି । ମୌସୁମୀ ପ୍ରବେଶ ପରେ ଜୁନ୍ ମାସର ପ୍ରଥମାର୍ଦ୍ଧ ପରେ ଦ୍ୱିତୀୟାର୍ଦ୍ଧରୁ ବର୍ଷା ଏକପ୍ରକାର ଉଭାନ ହୋଇଯିବା ଯୋଗୁଁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଏବେ ଲୋକେ ଅତିଷ୍ଠ । ବିଶେଷକରି ଗତ ୩ ଦିନ ହେବ ସମଗ୍ର ଜିଲ୍ଲାରେ ଯେଉଁଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିଛି, ଲୋକେ ଏଥିରେ ତ୍ରାହି ତ୍ରାହି ଡାକିବା ଆରମ୍ଭ କରିଦେଇଛନ୍ତି । ଗତ ୩ ଦିନ ହେବ ଦିବସର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ହେତୁ ଦିନ ୧୧ଟା ପରଠାରୁ ସହରର ରାସ୍ତାଘାଟ ଶୂନଶାନ ହୋଇ ଉଠୁଛି । ଲୋକେ ଅଂଶୁଘାତ ଭୟରେ ଘରୁ ପଦାକୁ ଗୋଡ କାଢ଼ିବାକୁ ସାହସ ଜୁଟାଇ ପାରୁନାହାନ୍ତି । ରାସ୍ତାଘାଟ ଶୂନ ଶାନ ହୋଇ ଉଠୁଥିବାବେଳେ ସହରରେ ଅଧିକାଂଶ ଦୋକାନ ବଜାର ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହୋଇଯାଉଛି । ଅପରାହ୍ନ ବେଳକୁ ଖରା ମଉଳି ପଡ଼ୁଥିଲେ ମଧ୍ୟ ତାତି ରାତିଯାଏ କବଳରେ ରହୁଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଓଡଙ୍ଗ ପଞ୍ଚାୟତ ତୋପାସାହି ଗ୍ରାମରେ ନୃସିଂହ ଚରଣ ପୂହାଣ (୫୦) ନାମକ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ଅଭିଯୋଗ ହେବା ପରେ ଏହି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି । ମୌସୀମୁ ଆଗମନ ସମୟରେ ଏହି ଧରଣର ଗ୍ରୀଷ୍ମପ୍ରବାହ ଜିଲାରେ କୃଷି କାର୍ଯ୍ୟରେ ମଧ୍ୟ ଘୋର ଅନ୍ତରାୟ ସୃଷ୍ଟି କରିଛି । ଆଗୁଆ ମୌସୁମ ବର୍ଷା ଯୋଗୁଁ ଖରିଫ ଧାନଚାଷ ସକାଶେ ଉଦିଷ୍ଟ କିଛି ଜମିରେ ପ୍ରାରମ୍ଭିକ ଖରାତିଆ ବେଉଷଣ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ଚାଷ ବୁଣାବୁଣି ଏବଂ ତଳିପକା କାମ ମଧ୍ୟ ଅଧାରେ ଅଟକିଛି । ଜିଲ୍ଲା କୃଷି ବିଭାଗ ସୂଚନା ମୁତାବକ ଖରିଫ ଧାନଚାଷର ଋତୁ ବେଳକୁ ସମୁଦାୟ ଜମିର ପ୍ରାୟ ୪୦ ପ୍ରତିଶତ ଜମିରେ ବୁଣାବୁଣି କାମ ସାରି ଦିଆଯାଇଥାଏ । ହେଲେ ଚଳିତବର୍ଷ ଅନିୟମିତ ମୌସୁମୀ ବର୍ଷା ଯୋଗୁଁ ବର୍ତ୍ତମାନ ସୁଦ୍ଧା ଭଦ୍ରକ ଜିଲାରେ ସମୁଦାୟ ଜମିର ୧୦ ପ୍ରତିଶତ ଜମିରେ ମଧ୍ୟ ପ୍ରାରମ୍ଭିକ କୃଷିକାର୍ଯ୍ୟ ସମ୍ଭବ ହୋଇପାରିନାହିଁ । ତେଣେ ଭଦ୍ରକ ରଣୀତାଲ ସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଚଳିତବର୍ଷ ପାଣିପାଗର ବିଶେଷ ପରିବର୍ତ୍ତନ ଯୋଗୁଁ ରାଜ୍ୟକୁ ମୌସୁମୀ ଆସିବାରେ ବିଳମ୍ବିତ ହୋଇଛି । କେବଳ ସେତିକି ନୁହେଁ ଚଳିତ ମାସ ୨୨/୨୩ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପୂର୍ବାନୁମାନେ କରାଯାଇଛି । ଏହାପରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାଣିପାଗ ବୈଜ୍ଞାନିକମାନେ ମତପୋଷଣ କରିଛନ୍ତି । ତେବେ ଜିଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର ରିପୋର୍ଟ ଯାହା ହେଉନା କାହିଁକି ବର୍ଷାଋତୁ ଆରମ୍ଭରେ ଏହି ଧରଣର ଗ୍ରୀଷ୍ମ ପ୍ରବାହ ସାଧାରଣ ଜୀବନଯାତ୍ରାକୁ ଅତିଷ୍ଠ କରିଛି ।

# ବିଧାୟକ ଦେବାଶିଷ ନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ମିଶିଲେ

**ବରୀ ଏକ୍ସପ୍ରେସ୍ ନ୍ୟୁଜ୍**

ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାଲପଡା ପଞ୍ଚାୟତର ସମିତି ସଭ୍ୟାଙ୍କ ସମେତ ବହୁ କଂଗ୍ରେସ ଓ ଭାଜପା କର୍ମୀଙ୍କ ସମେତ ନେତାମାନେ ବିଧାୟକ ଦେବାଶିଷ ନାୟକଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବିଜେଡିରେ ସାମିଲ ହୋଇଛନ୍ତି । ଝାଲପଡା ପଞ୍ଚାୟତ କାକୁଡ଼ିକୁଦ ନୀଳକଣ୍ଠପୁର ସତ୍ୟସାହି ହାଇସ୍କୁଲ ପଡ଼ିଆଠାରେ ବରୀ ବିଜେଡି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଏହି ନେତାମାନେ ବିଜେଡିରେ ଯୋଗ ଦେଇଛନ୍ତି ।

ଝାଲପଡା ସମିତି ସଭ୍ୟା ପ୍ରଭାତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବାଶିଷ ନାୟକ ଯୋଗ ଦେଇଥିଲେ । ସେ ୧୮ ବର୍ଷର ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ କେନ୍ଦ୍ର ସରକାରଙ୍କ କାର୍ଯ୍ୟଧାରାକୁ ନେଇ ସମାଲୋଚନା କରିଥିଲେ । ବରୀ ନିର୍ବାଚନମଣ୍ଡଳୀର ତିନୋଟି ପଞ୍ଚାୟତକୁ ନେଇ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ନାୟକ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ଝାଲପଡା ପଞ୍ଚାୟତ ସମିତି ସଭ୍ୟା ପ୍ରଭାତୀ ସାହୁ, ପୂର୍ବତନ ସଭ୍ୟ ସୁବାସ ଚନ୍ଦ୍ର ରାଉତ, ଗୋଳକୁଣ୍ଡର ପୂର୍ବତନ ସମିତି ସଭ୍ୟ ଅନନ୍ତ କିଶୋର ଦଳାଇଙ୍କ ସମେତ ୨୦ରୁ ଅଧିକ କର୍ମୀ ଓ ନେତା ବିଜେଡିରେ ଯୋଗ ଦେଇଥିଲେ । ମଣ୍ଟୁ ଦାସ ସଭା ପରିଚାଳନା କରିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବରୀ ବ୍ଲକ ସଭାପତି ସେକ୍ ସଫିକୁଦ୍ଦିନ, ଯାଜପୁର ବ୍ଲକ ପ୍ରତିନିଧି ଗଣେଶ ମହାନ୍ତ, ରସୁଲପୁର ବ୍ଲକ ପ୍ରତିନିଧି ଶରତ ଜେନା, ବ୍ରହ୍ମବରଦା ସରପଞ୍ଚ ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ନାୟକଙ୍କୁ ବଡ଼ବାଘ ସାହିଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ମଞ୍ଚ ନିକଟକୁ ଅଣାଯାଇଥିଲା ।

# ସୟା ମଠସାହିରେ ୪ବଖରା ଭସ୍ମୀଭୂତ



**ତିହିଡ଼ି ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ସୟା ପଞ୍ଚାୟତ ମଠସାହିରେ ସୋମବାର ପୂର୍ବାହ୍ନ ୯.୩୦ରେ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି । ଏହି ଅଗ୍ନିକାଣ୍ଡରେ ଅର୍ଜୁନ ସାହୁ ଓ ରେମଶ ସାହୁଙ୍କର ୪ବଖରା ଘର ଭସ୍ମୀଭୂତ ହୋଇଯିବା ସହ ଆସବାବପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଯାଇଥିବା ଜଣାଯାଇଛି । ଖବର ପାଇ ତିହିଡ଼ି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଚୁଲିରୁ ନିଆଁଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି ।

# ଗାଧୋଉଥିବା ବେଳେ ନଦୀରେ ବୁଡି ଯୁବକ ମୃତ

**ପାଣିକୋଇଲି : ଏକ୍ସପ୍ରେସ୍ ନ୍ୟୁଜ୍**

ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକର ମାଳଆନନ୍ଦପୁର ପଞ୍ଚାୟତର ମୂଳାପାଳ ସଠିପୁର ମଧ୍ୟରେ ବୈତରଣୀ ନଦୀ ଗାଧୋଉଥିବା ବେଳେ ଜଣେ ଯୁକର ମୃତ୍ୟୁ ଘଟିଛି । ପ୍ରକାଶଯେ ସୋମବାର ଅପରାହ୍ନରେ କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ରଣପାଳ ଗ୍ରାମର ଗୋପାଳ ଦାସଙ୍କ ପୁଅ ପବିତ୍ର (୨୩) ବୈତରଣୀ ନଦୀରେ ମୂଳାପାଳର ଅନତୀଦୂର ଗୁଡିଆ ମଝିରେ ଥିବା ଘାଟରେ ଗାଧୋଉଥିବା ବେଳେ ପହଁରୁଥିବା ଲୋକମାନେ ଦେଖିଥିଲେ । ହେଲେ ସେ ପହଁରୁ ପହଁରୁ କେତେବେଳ ନିକଟସ୍ଥ ଗଣ୍ଡରେ ପଡିଯାଇଥିଲେ । ସାଢେ ୪ଟାବେଳେ ସ୍ଥାନୀୟ ଲୋକମାନେ ଏହା ଦେଖି ତାକୁ ଉଦ୍ଧାର କରିଥିଲେ । କିନ୍ତୁ ସେତେବେଳକୁ ତାର ମୃତ୍ୟୁ ହୋଇଯାଇଥିଲା । ୧୦୮ ଅମ୍ବୁଲାନ୍ସ ଯୋଗେ ତାକୁ ଯାଜପୁର ସଦର ମହକୁମା ଚିକିତ୍ସାଳୟକୁ ପଠାଯାଇଥିଲା । ଡାକ୍ତର ତା'କୁ ମୃତ ଘୋଷଣା କରିଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ପାନ ବରଜ : ଚାଳଘର ଉଡିଗଲା ଘୂର୍ଣ୍ଣିଝଡ଼ରେ ଗଛ ଉପୁଡି ରାଜପଥ ଅବରୋଧ

**ନିମାପଡ଼ା ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଅପରାହ୍ଣରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଘଟି ଅନେକ ପାନବରଜ ସହ କେତେକ ବାସଗୃହ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଅପରାହ୍ଣ ୨–୩ଟା ମଧ୍ୟରେ କଳାବାଦଲ ଘୋଟି ଆସିବା ସହ ୧୫ କିମି ବେଗରେ ପବନ ବୋହିଥିଲା । ଜନସାଧାରଣରେ ନାହିଁନଥିବା ଭୟ ସଞ୍ଚାର ହୋଇଉଠିଥିଲା । ଶ୍ରୀମୁଖ ଛକ ଠାରୁ ତଳ ଅଣ୍ଡିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ ସବୁ ଭାଙ୍ଗି ପଡି ନିମାପଡା–ପିପିଲି ଜାତୀୟ ରାଜପଥରେ ପଡି ରହିଥିଲା । ଫଳରେ ସମସ୍ତ ଯାତ୍ରୀବାହୀ ବସ, ଦୁଇଚକିଆ ଯାନ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ନିମାପଡା ଥାନା ଅଧିକାରୀ ହରମୋହନ ନାୟକ ସଶସ୍ତ୍ର ପୋଲିସ ବାହିନୀ ସହ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ରାସ୍ତାରୁ ସମସ୍ତ ଭଙ୍ଗା ଗଛ ଓ ଡାଳଗୁଡିକ ସଫା କରିବା ସାଙ୍ଗକୁ ରାସ୍ତାର ଦୁଇପାର୍ଶ୍ୱ ଯାତାୟାତ ନିମନ୍ତେ ସୁବ୍ୟବସ୍ଥା କରିଥିଲେ । ରଚିଲୋ, ଶେଉଳ ଖାଲ, ଡିହସାହି, ନାଗବସ୍ତ, ତଳଅଣ୍ଡିଆ, ହଂସପଡା, ଏକମକଣା, ଶ୍ରୀମୁଖ ଆଦି ଗ୍ରାମରେ ଅନେକ ପାନବରଜ ନଷ୍ଟ ହେବା ସାଙ୍ଗକୁ ଚାଳଘର ସମ୍ପୂର୍ଣ୍ଣ ଉଡିଯାଇଥିବା ଗ୍ରାମବାସୀମାନେ ଜଣାଇଛନ୍ତି । କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଜେପି ନିମାପଡା ମଣ୍ଡଳ ସଭାପତି ମାନସ ପ୍ରଧାନ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିବା ସହ ତହସିଲଦାର କ୍ଷୟକ୍ଷତିର ଆକଳନ ପାଇଁ କ୍ଷତିଗ୍ରସ୍ତ ଗ୍ରାମ ପରିଦର୍ଶନ କରିବାକୁ ଦାବି ଜଣାଇଛନ୍ତି ।

# ଅଧିକ ଯୌତୁକ ପାଇଁ ପତ୍ନୀକୁ ନିର୍ଯାତନା : ସ୍ୱାମୀ ଗିରଫ

**ଧର୍ମଶାଳା : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଫୁଲାଡି ଗ୍ରାମରେ ଅଧିକ ଯୌତୁକ ପାଇଁ ପତ୍ନୀକୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀକୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, କୋରେଇ ଥାନା ଅଧିନସ୍ଥ ତରକା ଗ୍ରାମର ଶତ୍ରୁଘ୍ନଙ୍କ ଝିଅ ରୁବିନା (୨୫) ୩ବର୍ଷ ପୂର୍ବେ ଫୁଲାଡି ଗ୍ରାମର ସୁଦର୍ଶନ ଦାସଙ୍କ ବୈଦିକ ରୀତି ମତେ ବିବାହ କରିଥିଲେ । କନ୍ୟାପକ୍ଷ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ବିବାହର ୨ବର୍ଷ ପରେ ଆଉ ଅଧିକ ୫୦ ହଜାର ଟଙ୍କା ଯୌତୁକ ପାଇଁ ବର ପକ୍ଷରୁ ଦାବି କରାଯାଇଥିଲା । ଏନେଇ ସୁଦର୍ଶନଙ୍କ ଘର ପକ୍ଷରୁ ପତ୍ନୀ ରୁବିନାଙ୍କୁ ନିର୍ଯାତନା ଦିଆଯାଉଥିଲା । ନିର୍ଯାତନାରେ ଅତିଷ୍ଠ ହୋଇ ରୁବିନା ଗତ ଶନିବାର ଦିନ ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ ।

# ଅଜଣା ଦୁର୍ବୃତ୍ତଙ୍କ ସହ ଧସ୍ତାଧସ୍ତି : ଟଙ୍କା ଓ ମୋବାଇଲ ଲୁଟିନେଲେ

**ନିମାପଡ଼ା ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡାର ଜନୈକ ସୁନା ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ତାଙ୍କର ୪ଜଣ ବନ୍ଧୁ ସୁବାଶିଷ ରାଉତରାୟ, ପ୍ରଦ୍ୟୁମ୍ନ ବେହେରା, ସନ୍ତୋଷ କୁମାର ସାହୁ ଓ ଅକ୍ଷୟ ବେହେରା । କୋଣାର୍କରୁ ନିମାପଡା ଫେରୁଥିବା ବେଳେ ସର୍ବାପଡ଼ା ନିକଟରେ ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ଲୁଟ୍‌ର ଶିକାର ହୋଇଛନ୍ତି । ବିଳମ୍ବିତ ରାତିରେ ଆସୁଥିବା ବେଳେ ନିମାପଡା ବଜାର ମଧ୍ୟରେ ୫ଜଣ ଅସାମାଜିକ ଯୁବକ ପଛପଟୁ ଆସି ଅଟକାଇବା ସହ ଟଙ୍କା, ମୋବାଇଲ ଆଦି ମାଗିବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା । କିନ୍ତୁ ଦୁର୍ବୃତ୍ତମାନେ ଫୋନ କରି ତାଙ୍କର ୫ ଜଣ ସହଯୋଗୀଙ୍କୁ ଡକାଇ ଦେବାରୁ ନିମାପଡା ଯୁବକମାନେ ମୁକାବିଲା କରିନପାରି ଯାହା ମୂଲ୍ୟବାନ ଜିନିଷ ଥିଲା ଦେଇଦେଲେ ବୋଲି ଥାନାରେ ଜଣାଇଛନ୍ତି । ୨ଟି ସୁନାଚେନ, ନଗଦ ୪୫୦୦ ଟଙ୍କା, ହାତ ଘଣ୍ଟା, ମୋବାଇଲ ଆଦି ଛଡାଇ ନେଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି । ନିମାପଡା ପୋଲିସ ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇଁ ରାତି ପ୍ରାୟ ୨ ଟା ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । କିଛି ଯୁବକ ମାଡ ଖାଇ ଖଣ୍ଡିଆଖାବରା ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିବା ବେଳେ ଅନ୍ୟ ୨ ଜଣ ସେହିଠାରେ ରହି ପୋଲିସକୁ ଘଟଣାର ବିବରଣୀ ଜଣାଇଥିଲେ । ଥାନା ନିରୀକ୍ଷକ ହରମୋହନ ନାୟକ ସଶସ୍ତ୍ର ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନ (ଚାରିଛକ ରାସ୍ତା, ଅଠାନ୍ତର ରାସ୍ତା, ଗୋପ ରାସ୍ତା, ବଳଙ୍ଗା ରାସ୍ତା) ବୁଲି ଚଢାଉ କରିଥିଲେ ମଧ୍ୟ ଅଜଣା ଦୁର୍ବୃତ୍ତଙ୍କ ସନ୍ଧାନ ପାଇନଥିଲେ । ଘଟଣା ସଂକ୍ରାନ୍ତରେ ଏକ ମକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲିଥିବା ଶ୍ରୀ ନାୟକଙ୍କ ଠାରୁ ପ୍ରକାଶ ।

# ଭଦ୍ରକ ନୂଆ ବସଷ୍ଟାଣ୍ଡ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ କେବେ?

**ଭଦ୍ରକ (ହିସ)**

ଭଦ୍ରକର ନୂଆ ବସ୍‌ଷ୍ଟାଣ୍ଡ । ୨୦୦୫ ମସିହାରେ ଉଦ୍‌ଘାଟନ ହୋଇଥିଲା । ୧୩ ବର୍ଷ ପରେ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ । ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବାକୁ ନେଇ ୧୩ ବର୍ଷ ହେଲା ବିବାଦ ତୁଟିନାହିଁ । ଭଦ୍ରକର ଅସଲ୍ ବସ୍ ଷ୍ଟାଣ୍ଡ କହିଲେ ଆଜି ବି ବନ୍ତ ଛକରେ ବସ୍ ମାଲିକ ସଂଘ ପକ୍ଷରୁ ନିର୍ମିତ୍ ବସ୍ ଟର୍ମିନାଲକୁ ବୁଝାଉଛି । ଅନ୍ୟପକ୍ଷରେ ପୌରପାଳିକା ଦ୍ୱାରା ନିର୍ମିତ ନୂଆ ବସ୍ ଷ୍ଟାଣ୍ଡକୁ ସ୍ଥଳ ବିଶେଷରେ ବସ୍‌ଗୁଡିକ ବିଶ୍ରାମସ୍ଥଳ ଭାବେ ବ୍ୟବହାର କରୁଛନ୍ତି । ୧୩ ବର୍ଷ ତଳେ ସାଂସଦ ଅନନ୍ତ ପ୍ରସାଦ ସେଠୀଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନ ସମେତ ପୌରପାଳିକା ଅନୁଦାନକୁ ନେଇ ଭଦ୍ରକ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରିଥିଲା । ସେତେବେଳେ ଏ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜୋରଦାର ଦାବି ହେଉଥିଲା । ଏହାକୁ ସମ୍ମାନ ଜଣାଇ ପୌରପାଳିକା ବସ୍‌ଷ୍ଟାଣ୍ଡ ନିର୍ମାଣ ଆରମ୍ଭ କରିଥିଲା । ଉକ୍ତ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ପର୍ଯ୍ୟାପ୍ତ ସ୍ଥାନ ନଥିଲା । ସାରା ସହରରେ ମଧ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅନ୍ୟ ବିକଳ୍ପ କିଛି ନଥିଲା । କିନ୍ତୁ ବସ୍‌ଷ୍ଟାଣ୍ଡ ନିର୍ମାଣ ସରିବା ପରେ ତତ୍‌କାଳୀନ ବସ୍ ସିଣ୍ଡିକେଟ୍ ପକ୍ଷରୁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରାଇବା ନେଇ ବିବାଦ ସୃଷ୍ଟି କରାଯାଇଥିଲା । ନୂତନ ବସ୍‌ଷ୍ଟାଣ୍ଡର ଅବସ୍ଥିତିକୁ ନେଇ ଉପୁଜିଥିବା ବିବାଦ, ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ବସ୍ ମାଲିକମାନେ ବ୍ୟବସାୟିକ କ୍ଷତି ସହିବାର ଆଶଙ୍କା କରିଥିଲେ ଓ ଯାତ୍ରୀମାନେ ମଧ୍ୟ ନୂଆ ବସ୍‌ଷ୍ଟାଣ୍ଡରୁ ସହର ଭିତରର ଗନ୍ତବ୍ୟସ୍ଥଳକୁ ପହଞ୍ଚିବା ଲାଗି ଅସୁବିଧା ଭୋଗିବେ ବୋଲି ବାହାନହା କରାଯାଇଥିଲା । ଏହି ଆଳରେ ବସ୍ ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଏହା ମଧ୍ୟ ଏକଦା ସହରର ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା । ବର୍ତ୍ତମାନର ସାଂସଦ ଅର୍ଜୁନ ସେଠୀ ମଧ୍ୟ ଅତୀତରେ ଅନଶନରେ ବସିଥିବାର ନଜିର ରହିଥିଲା । ଏତେସବୁ ସତ୍ତ୍ୱେ ବସ୍ ମାଲିକ ସଂଘ ନିଜ ଜିଦ୍‌ରେ ଅଟଳ ରହିଥିଲା । ବନ୍ତ ଛକରେ ଥିବା ବସ୍ ରହଣିସ୍ଥଳକୁ ନିଜସ୍ୱ ଅର୍ଥରେ ବିକାଶ କରିଥିଲା ବସ୍ ମାଲିକ ସଂଘ । ସେଠାରେ ଏକ ଯାତ୍ରୀ ବିଶ୍ରାମ ଘର ତିଆରି ହୋଇଥିଲା । ପୌରପାଳିକା ଓ ବସ୍ ମାଲିକ ସଂଘ ବସ୍ ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ଲାଗି ଏକ ପ୍ରକାରର ମୁହାଁମୁହିଁ ହୋଇଥିଲେ । ମାମଲା ମଧ୍ୟ ହାଇକୋର୍ଟରେ ପହଞ୍ଚିଥିଲା । ହାଇକୋର୍ଟଙ୍କ ରାୟ ବସ୍ ମାଲିକ ସଂଘ ବିପକ୍ଷରେ ଯିବା ପରେ ପରେ ପୌରପାଳିକା ଓ ବସ୍ ମାଲିକ ସଂଘ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା । ସମାଧାନର ଫଳ ସ୍ୱରୂପ ବନ୍ତ ଛକର ଯାତ୍ରୀ ବିଶ୍ରାମ ଘର ଭଙ୍ଗାଯିବାରୁ ବର୍ତ୍ତିଗଲା । ପରବର୍ତ୍ତୀ ଅବସ୍ଥାରେ ପର୍ଯ୍ୟାୟକ୍ରମେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ ବୋଲି ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଥିଲା । ସମସ୍ତ ରୁଟ୍‌ରେ ଚଳାଚଳ କରୁଥିବା ବସ୍‌ଗୁଡିକ ନୂଆ ବସ୍‌ଷ୍ଟାଣ୍ଡ ଭିତରକୁ ଯାଇ ପୁଣି ବନ୍ତ ଛକରୁ ବସ୍ ଟର୍ମିନାଲରେ ପହଞ୍ଚିବେ ବୋଲି କୁହାଗଲା । ତେବେ କୌଣସି ପ୍ରକାରେ ବନ୍ତ ଛକର ବସ୍ ଟର୍ମିନାଲଟି ପ୍ରକୃତ ବସ୍‌ଷ୍ଟାଣ୍ଡ କାର୍ଯ୍ୟ କଲା ଏବଂ ଆଜି ବି ସେଇୟା ରହିଛି । ୧୩ ବର୍ଷ ପରେ ବି ଆଜି ନୂଆ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନାହିଁ । ବାରିପଦା–ଭୁବନେଶ୍ୱର ରୁଟ୍‌ର ବସ୍‌ଗୁଡିକ କିଛିକାଳ ବସ୍‌ଷ୍ଟାଣ୍ଡ ଭିତରେ ନିଜ ଟାଇମ୍‌କୁ ଲକ୍ଷ୍ୟ କରି ରହୁଥିବାବେଳେ ବାକି ଗ୍ରାମାଞ୍ଚଳ ରୁଟ୍‌ରେ ଚଳାଚଳ କରୁଥିବା ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡ ଭିତରେ ଦେଇ ଯାଉଛି । ମାତ୍ର ବାଲେଶ୍ୱର, କଟକ ବସ୍‌ଷ୍ଟାଣ୍ଡ ଭଳି ଭଦ୍ରକର ନୂତନ ବସ୍‌ଷ୍ଟାଣ୍ଡରେ ନା ଗହଳି ରହୁଛି ନା ଯାତ୍ରୀସେବା ମିଳୁଛି । କିନ୍ତୁ ସୌଭାଗ୍ୟର କଥା, ବସ୍‌ଷ୍ଟାଣ୍ଡର ଆଖପାଖ ଇଲାକାରେ ବିକାଶ ଘଟି ଚାଲିଛି । ସରକାରୀ ସ୍ତରରେ ବସ୍‌ଷ୍ଟାଣ୍ଡ ନିକଟରେ ପାର୍କ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ପୌରପାଳିକାର ପାର୍କ ନିର୍ମାଣ ଚାଲିଥିବା ବେଳେ ନିକଟରେ ଏକ କଲ୍ୟାଣ ମଣ୍ଡପର ମଧ୍ୟ ଉଦ୍‌ଘାଟନ ସରିଛି । ବସ୍‌ଷ୍ଟାଣ୍ଡ ନିକଟରେ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ରହିଛି । ଇତିମଧ୍ୟରେ ଏକ ପେଟ୍ରୋଲ ପମ୍ପ ମଧ୍ୟ ନିର୍ମାଣ ସରିଛି । ଏଥିସହିତ ସରକାରଙ୍କ ବହୁଳ ପ୍ରଚାରିତ ଆହାର କେନ୍ଦ୍ର ବି ବସ୍‌ଷ୍ଟାଣ୍ଡ ନିକଟରେ ରହିଛି । ଆରମ୍ଭରୁ ବସ୍ ଷ୍ଟାଣ୍ଡ ନିର୍ମାଣରେ ପୌରପାଳିକା କୋଟିଏରୁ ଅଧିକ ଟଙ୍କା ସାରିଥିଲା । ଗତ ୧୩ ବର୍ଷ ମଧ୍ୟରେ ବସ୍‌ଷ୍ଟାଣ୍ଡକୁ ସଂଯୋଗକାରୀ ରାସ୍ତା ନିର୍ମାଣରେ ମଧ୍ୟ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ସରିଲାଣି । ଏବେ ପାରିପାର୍ଶ୍ୱିକ ବିକାଶ ଦିଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଚାଲିଛି । ହେଲେ ବସ୍‌ଷ୍ଟାଣ୍ଡ କାହିଁକି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନାହିଁ, ତାହା ଏବେ ମିଲିଅନ୍ ଡଲାରର ପ୍ରଶ୍ନ ।

# ଅପହରଣ ଓ ଦୁଷ୍କର୍ମ ଘଟଣାରେ ୨ ଗିରଫ



**ତିହିଡ଼ି : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ଗାଁର ଜନୈକା ନାବାଳିକାକୁ ଅପହରଣ କରିନେଇ ତା'ସହିତ ଦୁଷ୍କର୍ମ କରିଥିବା ଏବଂ କଣ୍ଡରାଗଡ଼ିଆ ଗାଁର ଜନୈକା ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବାଲେଶ୍ୱର ନେଇ ସେଠାରେ ଦୁଷ୍କର୍ମ କରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଞ୍ଜାମାଳ ଗାଁର ବିବାହିତ ଯୁବକ ନିଲୁ ଓରଫ ମାନସ ଜେନା ଉକ୍ତ ନାବାଳିକାକୁ ଅପହରଣ କରିନେଇ ଦୁଷ୍କର୍ମ କରିଥିଲା । କିଛିଦିନ ପରେ ପୋଲିସ ନାବାଳିକାକୁ ଉଦ୍ଧାର କରି ପରିବାରର ଜମା ଦେଇଥିଲା । ନାବାଳିକାର ପିତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ୩୯୬/୧୭ ରୁଜୁ ହୋଇଥିଲା । ସେହିପରି ଗତ ୨୩.୫.୨୦୧୮ ତାରିଖରେ କଣ୍ଡରାଗଡ଼ିଆ ଗାଁର ଜନୈକା ଯୁବତୀକୁ ତାଙ୍କ ଦୂର ସମ୍ପର୍କୀୟ ଭିଣୋଇଙ୍କ ବନ୍ଧୁ, ରେମୁଣା ଥାନା ଅଧୀନ କାକବରେଇ ଗାଁର କାକନ ଦାସ ବାଇକ ଯୋଗେ ବାଲୋଶ୍ୱର ଆଡ଼କୁ ନେଇ ଯାଇଥିଲେ । ସେଠାରେ ଏକ ନିଛାଟିଆ ଜଙ୍ଗଲରେ ତାଙ୍କୁ ଦୁଷ୍କର୍ମ କରି ଯୁବତୀଙ୍କୁ ବାଲେଶ୍ୱର ବସଷ୍ଟାଣ୍ଡ ପାଖରେ ଛାଡ଼ି ଦେଇଥିଲେ । ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ୧୯୨/୧୮ ଦଫା ୩୭୬ ରୁଜୁ ହୋଇଥିଲା ।